## ପଶୁପକ୍ଷୀଙ୍କ ସୁରକ୍ଷା ନିମନ୍ତେ ସମ୍ବିଧାନୀକରଣ

# ଆମ ପରିବେଶ ଚାରିପଟେ ଥିବା ପଶୁପକ୍ଷୀଙ୍କ ସୁରକ୍ଷା

■ ବରଦା କାନ୍ତ ମହାନ୍ତି ଏଲ.ଏଲ.ବି.
ଏସ.ପି.ସି.ଏ ଆଜୀବନ ସଭ୍ୟ

ମନୁଷ୍ୟ ଓ ପଶୁପକ୍ଷୀଙ୍କର ସମ୍ପର୍କ କେଉଁ ଆଦିମ ଯୁଗରୁ ଗଢ଼ି ଉଠିଛି । ଯେତେବେଳେ ମନୁଷ୍ୟ ଯାଯାବର ହିସାବରେ ବୁଲୁଥିଲା ସେତେବେଳେ ନିଜର ସୁରକ୍ଷା ପାଇଁ କୁକୁରମାନଙ୍କୁ ପାଳୁଥିଲା । ତା'ପରେ ଆସ୍ତେଆସ୍ତେ ଗାଇ ଗୋରୁ, ଛେଳି, ମେଣ୍ଢା, ମଇଁଷି, କୁକୁଡ଼ା, ପାରା ଇତ୍ୟାଦି ପାଳି ସେମାନଙ୍କୁ ଠିକ୍ ଭାବେ ଯତ୍ନ ନେଇ ସେମାନଙ୍କଠାରୁ ଲାଭପାଇ ନିଜ କାର୍ଯ୍ୟରେ ଲଗାଇଲା । ପାରାମାନେ ମଧ୍ୟ ଯୁଦ୍ଧ ଓ ଜରୁରୀ ପରିସ୍ଥିତିରେ ଡାକ ନେବା ଆଣିବା କାର୍ଯ୍ୟରେ ନିୟୋଜିତ ହେଲେ । ମନୁଷ୍ୟ ଏପରି ଭାବେ ପଶୁପକ୍ଷୀଙ୍କ ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ ହୋଇଗଲା ଯେ ତାର ଆରାଧ୍ୟ ଦେବାଦେବୀଙ୍କର ବାହାନରୂପେ ପଶୁପକ୍ଷୀଙ୍କୁ ମଧ୍ୟ ଚିତ୍ରଣ କରିବାକୁ ଲାଗିଲା । ମହାଦେବଙ୍କର ବାହନ ଭାବେ ବୃଷଭ, ଦେବୀ ଦୁର୍ଗାଙ୍କ ବାହାନ ଭାବେ ସିଂହ, ସରସ୍ୱତୀଙ୍କ ବାହାନ ଭାବେ ମୂଷା, ମହାଦେବଙ୍କ ଗଳାରେ ସର୍ପ ଶୋଭା ପାଇଲେ । ହିନ୍ଦୁ ଶାସ୍ତ୍ର ଅନୁସାରେ ଗୋ ହତ୍ୟା, ବିଲେଇ ହତ୍ୟା ଇତ୍ୟାଦି କଲେ ମହାପାପ ଲାଗେ ।

ବର୍ତ୍ତମାନ ଦେଶ ବିଦେଶରେ କୁକୁରମାନେ ବିଭିନ୍ନ ଆଧୁନିକ ପ୍ରଣାଳୀରେ ଚୋର ଧରିବାଠାରୁ ଆରମ୍ଭ କରି ବିଭିନ୍ନ କ୍ରିମିନାଲ ମାନଙ୍କୁ ଅକ୍ଲେଶରେ ଚିହ୍ନାଇବାରେ ସାହାଯ୍ୟ କରୁଛନ୍ତି । ବର୍ତ୍ତମାନ ଚିକିତ୍ସାବିଜ୍ଞାନର ମତାମତ ଯେ ମନୁଷ୍ୟ ପୋଷା ଜୀବଜନ୍ତୁମାନଙ୍କ ସଂସ୍ପର୍ଶରେ ଆସିଲେ, ସେମାନଙ୍କ ସହ ଖେଳ କୁଦରେ ସମୟ ବିତାଇଲେ ତାର ଭାରାକ୍ରାନ୍ତ ମନ ହାଲକା ହୋଇଯାଏ, ଫଳରେ ରକ୍ତଚାପ ଜନିତ ଓ ହୃଦଘାତ ଜନିତ ରୋଗରୁ ରକ୍ଷାମିଳେ ।

ମନୁଷ୍ୟ ବର୍ତ୍ତମାନ ସମୟରେ ହିଂସ୍ର ହୋଇ ହତ୍ୟା, ଲୁଣ୍ଠନରେ ମାତି ଉଠୁଥିବା ବେଳେ ସାମାନ୍ୟ ପଶୁମାନେ ନିଜ ମାଲିକର ସେବା କରିବା କ'ଣ ଶୁଭ ସୂଚକ ନୁହେଁ କି ? ଲେଖକଙ୍କର ନିଜ ଅନୁଭୂତିରୁ ଲେଖୁଛନ୍ତି ଯେ ତାଙ୍କର ପୋଷା ବିଲେଇମାନେ ତାଙ୍କ ଅଫିସରୁ ଫେରିବା, ବଜାର ହାଟରୁ ଫେରିବା ସମୟକୁ ଚାତକ ପରି ଚାହିଁ ରହିଥାଆନ୍ତି, ଏପରିକି ରାତିରେ ମଧ୍ୟ ବିଲେଇମାନେ ଲେଖକଙ୍କ ଶେଯରେ ମୁଣ୍ଡ ରଖି ଘଣ୍ଟା ଘଣ୍ଟା ଧରି ଶୋଇ ରହୁଛନ୍ତି ଏବଂ ତାଙ୍କ ଭାଷାରେ ଲେଖକଙ୍କୁ ତାଙ୍କର ମନକଥା ଜଣାଉଛନ୍ତି । ଯେତେବେଳେ ଜରାଗ୍ରସ୍ତ ପିତାମାତାଙ୍କୁ ତାଙ୍କ ନିଜ ଶିକ୍ଷିତ ପୁଅ ଝିଅମାନେ ଛାଡ଼ି ପଳାଉଛନ୍ତି - ଏହା କ'ଣ ମାନବ ସମାଜ ପାଇଁ ପୋଷା ଜୀବଜନ୍ତୁଙ୍କ ଠାରୁ ଶିଖିବାର ବିଷୟ ନୁହେଁ କି ?

ବନ୍ୟା, ବାତ୍ୟା ଇତ୍ୟାଦି ଦୁର୍ବିପାକ ସମୟରେ ଅକାଳରେ ବହୁତ ପଶୁପକ୍ଷୀଙ୍କର ଜୀବନ ହାନି ହେଉଛି । ସହରମାନଙ୍କରେ ଗାଡ଼ି ମଟର ଚକ ତଳେ ବୁଲା କୁକୁର, ବିଲେଇ ମାନେ ପ୍ରାଣ ହରାଉଛନ୍ତି । ଭାରତୀୟ ସମ୍ବିଧାନର ନିର୍ଦ୍ଦେଶାତ୍ମକ ନୀତି (Directive principles of state policy)ରେ ପଶୁପକ୍ଷୀ ତଥା ପରିବେଶର ସୁରକ୍ଷା ପାଇଁ ୪୨ତମ ସମ୍ବିଧାନ ସଂଶୋଧନ, ୧୯୭୬ରେ ଧାରାମାନ ଯୋଡ଼ାଗଲା । ମାତ୍ର ତାହା ପାଳନ କରିବା ପାଇଁ ବାଧ୍ୟତାମୂଳକ (Mandatory) କରାଗଲେ ଆଇନର ସୁରକ୍ଷା ହୋଇପାରନ୍ତା । ପଶୁପକ୍ଷୀମାନଙ୍କୁ ନିଷ୍ଠୁର ଭାବେ ବ୍ୟବହାର ନ କରିବା ପାଇଁ ଆମ ରାଜ୍ୟରେ ରାଜ୍ୟ ଜୀବେ ନିଷ୍ଠୁରତା ନିରାକରଣ ସମିତି ଲୋକମାନଙ୍କୁ ବୁଝାଇବା ସହ ଆଇନର ସୁରକ୍ଷା ଦିଗରେ କର୍ମରତ । ମାତ୍ର କେନ୍ଦ୍ରୀୟ ଅନୁଦାନ ଅଭାବରୁ ଏଥିରେ କିଛି ପରିମାଣରେ ବ୍ୟାଘାତ ସୃଷ୍ଟି ହେଉଛି । ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ମିଳିତ ତାଲିକା (Concurrent list)ରେ ପଶୁପକ୍ଷୀଙ୍କର ସୁରକ୍ଷାକୁ ସମ୍ବିଧାନରେ ଯୋଗ କରାଗଲେ ଉଭୟ ସରକାର ଏମାନଙ୍କ ସୁରକ୍ଷା ଦିଗରେ ସଚେତନ ହେବାରେ ଆହୁରି ଆଗ୍ରହ ପ୍ରକାଶ କରନ୍ତେ ।

❖ ❖ ❖

